## ସଂଜୀବ ଚନ୍ଦ୍ର ହୋତା

ଜନ୍ମ: (୧୯୪୪-     ) ମସିହା

ଶ୍ରୀ ସଂଜୀବ ଚନ୍ଦ୍ର ହୋତା ସର୍ବ ଭାରତୀୟ ପ୍ରଶାସନ ସେବାରେ ଯୋଗଦାନ କରି ବିଭିନ୍ନ ସମୟରେ ଓଡ଼ିଶା ସରକାରଙ୍କର ଭିନ୍ନ ଭିନ୍ନ ପଦବୀରେ ଯୋଗଦାନ କରି ୨୦୦୪ ମସିହାରେ ଅବସର ଗ୍ରହଣ କରିଛନ୍ତି । ତାଙ୍କର ପୁସ୍ତକଗୁଡ଼ିକ-

ଅନୁଚିନ୍ତା(ପ୍ରବନ୍ଧ), ବିନ୍ଦୁ (ଗଳ୍ପ), ତଥାପି ନାସ୍ତିକ,

**ଅନୁଚିନ୍ତା**, ପୃଷ୍ଠା-୧୬୮, ପ୍ରକାଶକାଳ-୨୦୦୨, ମୂଲ୍ୟ- ଟ.୧୬୦/-

୧୬ଟି ପ୍ରବନ୍ଧର ସମାହାରରେ ଏହି ପୁସ୍ତକଟି ରଚିତ । ମାନବିକ ଅଧିକାରଠାରୁ ଆରମ୍ଭ କରି ଜଗତିକରଣର ବିଭିନ୍ନ ଦିଗ ଉପରେ ଚାରିଗୋଟି ପ୍ରବନ୍ଧ ସ୍ଥାନିତ ହୋଇଛି । ଓଡ଼ିଶାର ସଂସ୍କୃତି ଓ ଐତିହାସିକ ଗୌରବ ସମ୍ବନ୍ଧରେ ଅଧିକାଂଶ ପ୍ରବନ୍ଧ ସନ୍ନିବେଶିତ । ଏହି ପୁସ୍ତକର ପ୍ରାଗ୍‌ଭାଷ ଲେଖିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ।

**ବିନ୍ଦୁ (ଗଳ୍ପ)**, ପୃଷ୍ଠା- ୧୫୬, ପ୍ରକାଶକାଳ- ୨୦୦୪, ମୂଲ୍ୟ- ଟ.୧୨୦/-

୧୫ଟି ଗଳ୍ପକୁ ନେଇ ଉକ୍ତ ପୁସ୍ତକଟି ସମୃଦ୍ଧ । ଲେଖକଙ୍କର ଚାକିରୀକାଳ ସମୟର ଅଭୁଲା ସ୍ମୃତି ଓ ଅନୁଭୂତିକୁ ନେଇ ଗଳ୍ପଗୁଡ଼ିକ ପର୍ଯ୍ୟବେଶିତ । କହିବା ବାହୁଲ୍ୟ ଯେ ଲେଖକଙ୍କର ବାସ୍ତବ ଅନୁଭୂତି ଏହି ଗଳ୍ପଗୁଡ଼ିକରେ ରୂପାୟନ ହୋଇଛି । ଏହାର ପ୍ରାଗ୍‌ଭାଷା ଲେଖିଛନ୍ତି ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଡ.ପ୍ରଫୁଲ୍ଲ କୁମାର ମହାନ୍ତି ।

**ତଥାପି ନାସ୍ତିକ**, ପୃଷ୍ଠା-୧୮୮, ପ୍ରକାଶକାଳ-୨୦୦୮, ମୂଲ୍ୟ- ଟ.୧୦୦/-

ଚଉଦଟି ଗଳ୍ପର ସମାହାର । ବର୍ତ୍ତମାନ ସଂଘର୍ଷମୟ ସଂସାରରେ ମଣିଷର ବିପରୀତମୁଖି ପରିସ୍ଥିତି, ପରସ୍ପର ପରିପନ୍ଥୀ ଆବେଗ ଓ ଅନେକ ଅସମାହିତ ପ୍ରଶ୍ନବାଚିର ଉତ୍ତର ଅନ୍ୱେଷଣକୁ ଭିତ୍ତିକରି ଗଳ୍ପଗୁଡ଼ିକ ଗତିଶୀଳ ।